# 'କୋଶଳୀ' ଓଡ଼ିଆ ଭାଷାର ସୀମାନ୍ତ ରକ୍ଷାକର୍ତ୍ତା : ହରପ୍ରସାଦ

## କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ବାଲେଶ୍ୱରରେ 'ଅସ୍ମିତା' କାର୍ଯ୍ୟକ୍ରମ




ବାଲେଶ୍ୱର,୧୫ା୯(ବ୍ୟୁରୋ): ରାଜା କପିଳେନ୍ଦ୍ରଙ୍କ ସମୟରେ ଉତ୍କଳର ରାଷ୍ଟ୍ରଭାଷା ହେଉଛି ଓଡ଼ିଆ। ଆଦିକବି ସାରଳା ଦାସ ମହାଭାରତ ରଚନା କରି ଓଡ଼ିଆ ସାହିତ୍ୟର ଶରୀର ସ୍ଥାପନ କଲେ। ସେହି ଶରୀରର ଆତ୍ମା ହେଉଛି ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ। ଶରୀର ଓ ଆତ୍ମା ପରେ ଓଡ଼ିଆ ସାହିତ୍ୟର ଇନ୍ଦ୍ରିୟ ସ୍ଥାପନ ହେଲା ସପ୍ତଦଶ ଶତାବ୍ଦୀରେ। ଭକ୍ତକବି ଦୀନକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥଙ୍କ ସାହିତ୍ୟ ପରେ ଶରୀର, ଆତ୍ମା ସହିତ ଇନ୍ଦ୍ରିୟର ସଂଯୋଗ ହେଲା। ସବୁବେଳେ ଐତିହ୍ୟକୁ ସମୃଦ୍ଧ କଲେ, ତାକୁ ଭୋଗ କରିହୁଏ। ଆମେ ନିଜ ଐତିହ୍ୟକୁ ସମୃଦ୍ଧ କରିନଥିଲୁ ବୋଲି ଓଡ଼ିଆକୁ ଶାସ୍ତ୍ରୀୟ ଭାଷା ହେବା ପାଇଁ ୧୮୦୦ ବର୍ଷ ଲାଗିଗଲା। ଉପକୂଳକୁ ବାଦ୍ ଦେଇ ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ସାହିତ୍ୟର ଶାସ୍ତ୍ରୀୟ ଭାବ ପରିଲକ୍ଷିତ ହୋଇଥିବା ବେଳେ ପଶ୍ଚିମଓଡ଼ିଶାରେ ଭାଷାର ବିଶେଷ ଢଙ୍ଗ ପରିଲକ୍ଷିତ ହୋଇଛି। କୋଶଳୀ ହେଉଛି ଓଡ଼ିଆ ଭାଷାର ସୀମାନ୍ତ ରକ୍ଷାକର୍ତ୍ତା ବୋଲି ବିଶିଷ୍ଟ କବି ଓ ସମାଲୋଚକ ହରପ୍ରସାଦ ଦାସ ମତବ୍ୟକ୍ତ କରିଛନ୍ତି।

ଆଜି କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଆୟୋଜିତ 'ଓଡ଼ିଆ ଭାଷା ଓ ସାହିତ୍ୟ ଆନ୍ଦୋଳନରେ ବାଲେଶ୍ୱର' ଶୀର୍ଷକ ଆଲୋଚନାଚକ୍ର ଓ ଅସ୍ମିତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କବି ଶ୍ରୀ ଦାସ ଉପରୋକ୍ତ ବକ୍ତବ୍ୟ ଦେବା ସହ ପ୍ରଭୁ ଜଗନ୍ନାଥଙ୍କ ପାଇଁ ପୁରୀ ଯେମିତି ଶ୍ରୀକ୍ଷେତ୍ର, ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ବାଲେଶ୍ୱର ସେମିତି ବାଣୀକ୍ଷେତ୍ର ବୋଲି କହିଥିଲେ। ସେ ପୁଣି କହିଲେ ଯେ ଓଡ଼ିଆ ଅସ୍ମିତାର ଉପାଦାନ ବାଲେଶ୍ୱରରୁ ହିଁ ଆରମ୍ଭ ହୋଇଥିଲା। ୧୮୭୦ ମସିହାରେ ଯେତେବେଳେ ଓଡ଼ିଆକୁ ଏକ ସ୍ୱତନ୍ତ୍ର ଭାଷାର ମାନ୍ୟତା ନଦେବା ପାଇଁ ବଙ୍ଗୀୟମାନେ ଷଡ଼ଯନ୍ତ୍ର କରିଥିଲେ, ସେତେବେଳେ ଫକୀରମୋହନ, ରାଧାନାଥ ଓ ମଧୁସୂଦନ ଯେଉଁ ସ୍ଥାନରେ ଭାଷା ରକ୍ଷା ପାଇଁ କବଚ ତିଆରି କଲେ, ସେହି ମାଟି ହେଉଛି ବାଲେଶ୍ୱର। ସାହିତ୍ୟରେ ଚକୁଳତା ଓ ରସିକତା ଫକୀରମୋହନଙ୍କର ଜାତୀୟ ଅବଦାନ। ସେହିଭଳି ଓଡ଼ିଆ ଲୋକଙ୍କ ମଧ୍ୟରେ ବିଷାଦ ରାଧାନାଥଙ୍କ କାବ୍ୟରେ ପରିସ୍ଫୁଟିତ ହୋଇଛି। ମଧୁସୂଦନଙ୍କ କବିତାରେ ବିଭୁ ପରାୟଣତା ଭାରତର ପ୍ରାନ୍ତୀୟ ସାହିତ୍ୟ ମଧ୍ୟରେ ନିଆରା। ଭାଷା ଆନ୍ଦୋଳନର କେବେ ଶେଷ ନାହିଁ। ସେତେବେଳେ ଭୂମିଗତ ଥିଲା, ଏବେ ଭୂମି ଉପରେ ଅଛି ବୋଲି ଶ୍ରୀ ଦାସ କହିଛନ୍ତି।

କେନ୍ଦ୍ର ସାହିତ୍ୟ ଅକାଦେମୀର ପୂର୍ବାଞ୍ଚଳ କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରାବନ୍ଧିକ ଡ. ତରୁଣ କୁମାର ସାହୁ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ କବି ବିମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ ଅଧିବେଶନ ପରେ ଉପରୋକ୍ତ ଶୀର୍ଷକ ଉପରେ ଡ. କୃଷ୍ଣଚନ୍ଦ୍ର ଭୂୟାଁଙ୍କ ସଭାପତିତ୍ୱରେ ଅଭୟ ଦ୍ୱିବେଦୀ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ. ଶିରିଶ ଚନ୍ଦ୍ର ଜେନା ପ୍ରବନ୍ଧ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ବିମଳ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଡ. ଅରବିନ୍ଦ ଗିରି ଓ ପ୍ରାବନ୍ଧିକ ରବୀନ୍ଦ୍ର ନାଥ ସାମଲ ପ୍ରବନ୍ଧ ପାଠ କରିଥିଲେ।

ଅପରାହ୍ନ ଅଧିବେଶନରେ ଲେଖିକାମାନଙ୍କ ଦ୍ୱାରା କବିତା ଓ ଗଳ୍ପପଠନ କାର୍ଯ୍ୟକ୍ରମ 'ଅସ୍ମିତା' ଅନୁଷ୍ଠିତ ହୋଇଥିଲା। ଡ. ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବୟିତ୍ରୀ ଦୀପ୍ତି ଦାସ, ଗଳ୍ପିକା ପୁଷ୍ପାଞ୍ଜଳି ନାୟକ, ସୈରିନ୍ଧ୍ରୀ ସାହୁ, ମୋନାଲିସା ମିଶ୍ର ଓ କ୍ଷୀରୋଦିନୀ ବେହେରା ନିଜନିଜର ସୃଜନକୃତୀକୁ ପାଠ କରିଥିଲେ। ଡ. ମିହିର ସାହୁ ସ୍ୱାଗତ ବକ୍ତବ୍ୟ ରଖିଥିବା ବେଳେ କବି ବିମଳ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ବିଶିଷ୍ଟ ସାହିତ୍ୟିକମାନେ ଯୋଗ ଦେଇଥିଲେ।